ନିତିଦିନ NITIDIN

ଷ୍ଟକ୍ ମାର୍କେଟ୍

MUTUAL
FUNDS

ବୃହତ୍ତମ ଫଣ୍ଡ ହାଉସ୍
ଏଚ୍‌ଡିଏଫ୍‌ସି ମ୍ୟୁଚୁଆଲ ଫଣ୍ଡ
(୨୦୪ ସ୍କିମ୍)
ଆଇସିଆଇସିଆଇ ପ୍ରୁ ମ୍ୟୁଚୁଆଲ ଫଣ୍ଡ
(୩୯୮ସ୍କିମ୍)
ରିଲାଏନ୍ସ ମ୍ୟୁଚୁଆଲ ଫଣ୍ଡ
(୨୬୨ ସ୍କିମ୍)
ବିର୍ଲା ସନ୍‌ଲାଇଫ୍ ମ୍ୟୁଚୁଆଲ୍ ଫଣ୍ଡ
(୨୫୩ ସ୍କିମ୍)

ଚାଷୀଙ୍କ ଆୟ ଦ୍ୱିଗୁଣ ପାଇଁ ୭ ସୂତ୍ରୀ ଯୋଜନା

ଭଦୋଦରା, ୧୮। ୬/ପିଟି: ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଯେପରି ଦ୍ୱିଗୁଣ ହେବ ତାହା ସୁନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ୭ସୂତ୍ରୀ ଷ୍ଟ୍ରାଟେଜି ପ୍ରସ୍ତୁତ କରିଛନ୍ତି ବୋଲି ଗତକାଲି ଏଠାରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକର୍ କହିଛନ୍ତି। ସେ କହିଛନ୍ତି ଯେ ଅଧିକରୁ ଅଧିକ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବା ସାଙ୍ଗକୁ ଚାଷୀଙ୍କୁ ଉନ୍ନତ ମାନର ଅଧିକ ଅମଳକ୍ଷମ ବିହନ ଯୋଗାଣ ହେବ ଓ ଅମଳ ପରବର୍ତ୍ତୀ ସମୟରେ ଶସ୍ୟ ଓ କୃଷିଜାତ ଦ୍ରବ୍ୟର କ୍ଷତିକୁ ରୋକାଯିବ। ସରକାର ଏବେ କୃଷି ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ ନଦେଇ ଚାଷୀଙ୍କ ଆୟ ବୃଦ୍ଧିକୁ ପ୍ରାଧାନ୍ୟ ଦେଉଛନ୍ତି। ତେଣୁ 'ପର୍ ଡ୍ରପ୍ ମୋର୍ କ୍ରପ୍' ଲକ୍ଷ୍ୟ ରଖାଯାଇ ଜଳସେଚନ ପାଇଁ ବଜେଟ୍‌ରେ ବଡ଼ ପରିମାଣର ବ୍ୟୟ ବରାଦ ହେଉଛି। ଉନ୍ନତ ବିହନ ଯୋଗାଣ ପାଇଁ ଓ ମାଟିକୁ ଅଧିକ ଉର୍ବର କରିବା ପାଇଁ ବ୍ୟବସ୍ଥା ହେଉଛି। ଉତ୍ପାଦିତ ଫସଲର ସଂରକ୍ଷଣ ପାଇଁ ଗୋଦାମ ଗୃହ ନିର୍ମାଣ ସାଙ୍ଗକୁ ଅମଳପର କ୍ଷତି ରୋକିବାକୁ ଓ ଶୀତଳ ଭଣ୍ଡାର ଓ ଅନ୍ୟ କୋଲଡ୍ ଚେନ୍ ସୃଷ୍ଟି ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି। ଉତ୍ପାଦିତ କୃଷି ସାମଗ୍ରୀର ପ୍ରକ୍ରିୟାକରଣ କରାଯାଇ ତାହାକୁ ମୂଲ୍ୟଯୁକ୍ତ କରାଯିବା ଲକ୍ଷ୍ୟ ରଖାଯାଇଛି। ଜାତୀୟ କୃଷି ବଜାର ସୃଷ୍ଟି ସାଙ୍ଗକୁ ସରକାର ଇ-ପ୍ଲାଟ୍‌ଫର୍ମରେ କୃଷିଜାତ ସାମଗ୍ରୀ ବିକ୍ରିର ବ୍ୟବସ୍ଥା କରୁଛନ୍ତି। ନୂଆ ଫସଲ ବୀମା ସ୍କିମ୍ ଅଣାଯାଉଛି। କୃଷି ସାଙ୍ଗକୁ ଗୋ-ପାଳନ, କୁକୁଡ଼ା ପାଳନ, ମାଛ ଚାଷ, ମହୁ ଚାଷ ଆଦି କରିବାକୁ ଚାଷୀଙ୍କୁ କୁହାଯାଉଛି ଓ ସେଥିପାଇଁ ପ୍ରୋତ୍ସାହନ ମଧ୍ୟ ଦିଆଯାଉଛି। ତେଣୁ ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ ହେବାର ସମ୍ଭାବନା ସୃଷ୍ଟି ହୋଇଛି ବୋଲି ଜାଭଡେକର୍ କହିଛନ୍ତି।

ଇଙ୍କ୍‌ଜେଟ୍ ପ୍ରିଣ୍ଟର୍ ବଜାରରେ ଏପ୍‌ସନ୍ ଅଗ୍ରଣୀ



ଭୁବନେଶ୍ୱର, ୧୮।୬/ଏନ୍‌ଏନ୍‌ଏସ୍: ଆଇଡିସିର ଅତ୍ୟାଧୁନିକ ହାର୍ଡକପି ପେରିଫେରାଲ (ଏଚସିପି)ର ତଥ୍ୟ ଅନୁଯାୟୀ ଅଗ୍ରଣୀ ଡିଜିଟାଲ ଇମେଜିଂ ଏବଂ ପ୍ରିଟିଂ ସମାଧାନ କମ୍ପାନୀ ଏପ୍‌ସନ୍ ଇଙ୍କ୍‌ଜେଟ୍ ପ୍ରିଣ୍ଟର ବଜାରରେ ପ୍ରଥମ ସ୍ଥାନରେ ରହିଛି। ଏହା ଲେଜର ପ୍ରିଣ୍ଟର ତୁଳନାରେ ଇଙ୍କ୍‌ଟ୍ୟାଙ୍କ ପ୍ରିଣ୍ଟରର ଚାହିଦା ବୃଦ୍ଧିକୁ ଦର୍ଶାଉଛି। ଏପ୍‌ସନ୍ ବଜାରରେ ପ୍ରଥମ ଥର ପାଇଁ କ୍ରମାଗତ ଭାବେ ଜେଟ୍ କ୍ୟାଟାଗୋରିରେ ଶୀର୍ଷରେ ରହୁଥିବା ଏଚପିକୁ ପଛରେ ପକାଇଛି ଓ ୨୬.୫% ବୃଦ୍ଧି ସହିତ ଆଗ୍ରଣୀ ସ୍ଥାନ ଅଧିକାର କରିଛି। ଇଙ୍କ୍‌ଜେଟ୍ ବଜାରରେ ଏପ୍‌ସନ୍ ୪୨.୯% ଅଂଶ ଥିବା ବେଳେ ଏଚ୍‌ପିର ବଜାର ଅଂଶ ୩୯.୪% ରହିଛି। ତଥ୍ୟ ଅନୁଯାୟୀ ଏପ୍‌ସନ୍‌ର ବାଜାର ମୂଲ୍ୟ ୫୧.୮% ବଢିଥିବା ବେଳେ ଏଚପି ୩୪.୮% ବୃଦ୍ଧି ପାଇଛି। କିଛି ବର୍ଷ ହେବ ଏପ୍‌ସନ ଇଙ୍କଜେଟ ବଜାରରେ ଭଲ ପ୍ରଦର୍ଶନ ଜାରି ରଖିଛି। ଆଇଡିସି ଅନୁଯାୟୀ, ଇଙ୍କ୍‌ଜେଣ୍ଟ ଟ୍ୟାଙ୍କର ସିପମେଣ୍ଟ ଯୋଗୁ ୨୦୧୭ରପ୍ରଥମ ତ୍ରୈମାସରେ କ୍ଷୁଦ୍ର ରାଜ୍ୟଠାରୁ ଆରମ୍ଭ କରି ଏସଏମଇ ଏବଂ ଘରୋଇ ଗ୍ରାହକଙ୍କ ଚାହିଦା ବୃଦ୍ଧି ହୋଇଛି। ଏପ୍‌ସନ୍ ପ୍ରିଣ୍ଟରର ମୂଲ୍ୟ କଳାପେପର ପାଇଁ ୭ ପଇସା ଏବଂ କଲର ପ୍ରିଣ୍ଟ ପାଇଁ ୧୮ ପଇସା ରହିଛି। ବିଶ୍ୱରେ ଏପ୍‌ସନ୍‌ର ଉଚ୍ଚ କ୍ଷମତାଯୁକ୍ତ ଇଙ୍କ୍‌ଜେଟ୍ ପ୍ରିଣ୍ଟରର ବିକ୍ରି ୨୦ଲକ୍ଷ ୟୁନିଟରେ ପହଞ୍ଚିଛି।

ମେ' ମାସରେ ମ୍ୟୁଚୁଆଲ୍ ଫଣ୍ଡ୍ ନିବେଶ ୧୦,୭୩୯କୋଟି

ମୁମ୍ବାଇ, ୧୮।୬/ଏଜେନ୍ସି: ନିବେଶକମାନେ ଗତ ମେ' ମାସରେ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡ୍ ସ୍କିମ୍‌ଗୁଡ଼ିକରେ ୧୦,୭୩୯ କୋଟି ଟଙ୍କା ନିବେଶ କରିଛନ୍ତି। ଗତ ଏପ୍ରିଲରେ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍‌ଗୁଡ଼ିକରେ ନିବେଶ ପରିମାଣ ଥିଲା ୧୦,୮୮୦ କୋଟି ଟଙ୍କା ନିବେଶ କରିଛନ୍ତି। ଏବେ ଷ୍ଟକ୍ ମାର୍କେଟ୍ ଉର୍ଦ୍ଧ୍ୱମୁଖୀ ରହିଛି। ୨୦୧୭ରେ ସେନସେକ୍ସ ୧୭% ବଢ଼ି ୩୧,୦୦୦ ପଏଣ୍ଟରେ ପହଞ୍ଚିଥିବା ବେଳେ ନିଫ୍‌ଟି ମଧ୍ୟ ୯,୬୦୦ପଏଣ୍ଟ୍‌କୁ ବଢ଼ିଛି। ତେଣୁ ନିବେଶକମାନେ ଆସ୍ଥାବାନ୍ ହୋଇ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡ୍ ସ୍କିମ୍‌ଗୁଡ଼ିକରେ ଅଧିକ ନିବେଶ କରିଛନ୍ତି।

ପି ଆଣ୍ଡ୍ ଜି ଶିକ୍ଷା ସହିତ ନୱାଜୁଦ୍ଦିନ ସିଦ୍ଦିକି ସହବନ୍ଧିତ

P&G
shiksha
Stepping Forward to Help their Education Needs
ଶିକ୍ଷା

ଭୁବନେଶ୍ୱର, ୧୮।୬/ଏନ୍‌ଏନ୍‌ଏସ୍: ପିଆଣ୍ଡ...ଜିର ଫ୍ଲାଗ୍‌ସିପ୍ କର୍ପୋରେଟ୍ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ପିଆଣ୍ଡଜି ଶିକ୍ଷା ଏହାର 'ପଢେଗା ଇଣ୍ଡିଆ ତୋ ବଢ଼େଗା ଇଣ୍ଡିଆ' ଅଭିଯାନ ଅଧୀନରେ ୧୦୦୦ ସ୍କୁଲ ନିର୍ମାଣ ଏବଂ ସହାୟତା କରି ୧୦,୦୦,୦୦୦ ଉପେକ୍ଷିତ ଶିଶୁଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଛି। ୧୩ତମ ବର୍ଷରେ ପହଞ୍ଚିଥିବା ପିଆଣ୍ଡ୍‌ଜି ଶିକ୍ଷା ଅଭିଯାନ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ନିର୍ମାଣ କରିବା ସହିତ ଶିକ୍ଷା ପଦକ୍ଷେପ ଗ୍ରହଣ କରୁଛି ଯଦ୍ୱାରା ଉପେକ୍ଷିତ ବର୍ଗର ଶିଶୁମାନେ ଶିକ୍ଷା ପାଖରେ ପହଞ୍ଚିପାରୁଛନ୍ତି। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଆଗକୁ ବଢାଇ ପିଆଣ୍ଡଜି ଶିକ୍ଷା ଉପଭୋକ୍ତାଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ 'ଶିକ୍ଷା ସୁପରହିରୋ' ଅଭିଯାନ ଆରମ୍ଭ କରିଛି, ଯେଉଁଥିରେ ଅସଲି ଜୀବନର ସୁପର ହିରୋମାନେ ସହଜରେ ବ୍ରାଣ୍ଡ୍ ଚୟନ କରି ପିଆଣ୍ଡ୍‌ଜି ଉତ୍ପାଦ ଖରିଦ କରିବେ ଏବଂ ହଜାର ହଜାର ଉପେକ୍ଷିତ ପିଲାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଯୋଗଦାନ କରିବେ। ଏହି ଅଭିଯାନରେ ସାମିଲ ହୋଇ ବିଶିଷ୍ଟ ଅଭିନେତା ନୱାଜୁଦିନ୍ ସିଦ୍ଦିକ୍ ସ୍କୁଲର ବିଦ୍ୟାର୍ଥୀଙ୍କ ପାଇଁ 'ଶିକ୍ଷା ସୁପରହିରୋ' ଅବତାର ଗ୍ରହଣ କରିଛନ୍ତି। ଶିଶୁମାନଙ୍କ ଜୀବନରେ ଶିକ୍ଷାର ମହତ୍ୱ ବିଷୟରେ ସେ ଗୁରୁତ୍ୱାରୋପ କରିଛନ୍ତି। ସହଜରେ ପିଆଣ୍ଡ୍‌ଜି ଉତ୍ପାଦ ଚୟନ କରି ଏବଂ ଉପେକ୍ଷିତ ବର୍ଗର ପିଲାମାନଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ଶିକ୍ଷା ସୁପରହିରୋ ହେବା ପାଇଁ ସେ ଭାରତର ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି।

୨୧ତମ ମହାବୀର ପୁରସ୍କାର ପାଇଁ ନାମାଙ୍କନ ଆହ୍ୱାନ

ଭୁବନେଶ୍ୱର, ୧୮।୬/ଏନ୍‌ଏନ୍‌ଏସ୍: ଭଗବାନ ମହାବୀର ଫାଉଣ୍ଡେସନ ପକ୍ଷରୁ ୨୧ତମ ସମ୍ମାନନୀୟ ମହାବୀର ପୁରସ୍କାର ପାଇଁ ଓଡିଶାରୁ ନାମାଙ୍କନ ପତ୍ର ଆମନ୍ତ୍ରଣ କରାଯାଇଛି। ଏଥିପାଇଁ ଆବେଦନ ପତ୍ର ୩୧ ଅଗଷ୍ଟ ପୂର୍ବରୁ ଭଗବାନ ମହାବୀର ଫାଉଣ୍ଡେସନ୍, ସିୟାଟ୍ ହାଉସ୍, ୯୬୧, ୪ର୍ଥ ମହଲା, ପୁନମମାଲି ହାଇରୋଡ୍, ପୂରସ୍ୱାଲକମ୍, ଚେନ୍ନାଇ -୮୪ ଠିକଣାରେ ପହଞ୍ଚିବା ଆବଶ୍ୟକ। ଏହାର ନାମାଙ୍କନ ପତ୍ର ୩୧ ଅଗଷ୍ଟ ପୂର୍ବରୁ ଏହାର ୱେବସାଇଟ୍ bmfawards.orgରୁ ଡାଉନଲୋଡ୍ କରିହେବ। ଗରିବ ଲୋକଙ୍କ ପାଇଁ ନିଃସ୍ୱାର୍ଥପର ସେବା କରୁଥିବା ପ୍ରତ୍ୟେକ ଭାରତୀୟ ନାଗରିକ ଏହି ପୁରସ୍କାର ପାଇଁ ଯୋଗ୍ୟ ହୋଇପାରିବେ। ଏଥିରେ ପୁରସ୍କୃତ ବ୍ୟକ୍ତିମାନଙ୍କୁ ଏକ ପ୍ୟାନେଲ୍‌ର ବିଭିନ୍ନ ଗ୍ରୁପର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଦ୍ୱାରା ଚୟନ କରାଯିବ। ଅହିଂସା ଏବଂ ଶାକାହାରୀ, ଶିକ୍ଷା, ମେଡିସିନ, କମ୍ୟୁନିଟି ଏବଂ ସମାଜ ସେବା ଇତ୍ୟାଦି ୪ଟି ବିଭାଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ପ୍ରତ୍ୟେକ ବିଭାଗ ପାଇଁ ୧୦ ଲକ୍ଷ ଟଙ୍କାର ନଗଦ ଟଙ୍କା ପୁରସ୍କାର ରହିଛି। ଏହି ପୁରସ୍କାର ବିତରଣୀ ଉତ୍ସବର ବିଭିନ୍ନ ଚୟନକର୍ତ୍ତାଙ୍କ ମଧ୍ୟରେ ପୂର୍ବତନ ସିଜେସି ଟି.ଏସ. କ୍ରିଷ୍ଣମୂର୍ତ୍ତି, ଜଷ୍ଟିସ୍ ଜି.ଏସ. ସିଙ୍ଗାଁ, ପ୍ରଫେସର ଏମ.ଏସ. ସ୍ୱାମୀନାଥନ, ଡଃ. ବି.ଏମ. ହେଗଡେ ପ୍ରମୁଖ ରହିଛନ୍ତି।

ଏଚ୍‌ୟୁଏଲ୍ ପକ୍ଷରୁ 'ପ୍ରୟାସ' କାର୍ଯ୍ୟକ୍ରମ

Hindustan Unilever Limited

ଭୁବନେଶ୍ୱର, ୧୮।୬/ଏନ୍‌ଏନ୍‌ଏସ୍: ଭାରତ ବୃହତମ କଞ୍ଜ୍ୟୁମର ଉତ୍ପାଦ ପ୍ରସ୍ତୁତକାରୀ କମ୍ପାନୀ ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ୍(ଏଚ୍‌ୟୁଏଲ୍) ପକ୍ଷରୁ ମହିଳା ଏବଂ ଶିଶୁଙ୍କ ପାଇଁ ପ୍ରୟାସ କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ଥାନୀୟ ସହିଦ୍ ନଗର ଦୁର୍ଗାପୂଜା ପଡିଆଠାରେ ଏକ ସ୍ୱତନ୍ତ୍ର ରଜ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଚଳଚ୍ଚିତ୍ର ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଏବଂ ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ୍‌ର କଞ୍ଜ୍ୟୁମର କ୍ଲଷ୍ଟର ମ୍ୟାନେଜର ବିକ୍ରାନ୍ତ ସିନ୍ଧେ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଏଚ୍‌ୟୁଏଲ୍ ପକ୍ଷରୁ ମ୍ୟାଜିକ୍ ଜୋନ୍, ମେକ୍ ଓଭର୍ ଜୋନ୍, ଟାଟୁ ଜୋନ୍, ମେହନ୍ଦୀ ଜୋନ୍, ସେଲିଂ ଜୋନ୍, ସେଲ୍‌ଫି ଜୋନ୍, ଫ୍ରି ସାମ୍ପଲିଂ ଜୋନ୍ ପ୍ରଭୃତି ଶିଶୁ ଏବଂ ମହିଳାମାନଙ୍କ ପାଇଁ ସ୍ଥାପିତ ହୋଇଥିଲା। ଏଚ୍‌ୟୁଏଲ୍ ପକ୍ଷରୁ ଶିଶୁ ଏବଂ ମହିଳାମାନଙ୍କୁ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ଏଚ୍‌ୟୁଏଲ୍‌ର ଏହି ଉତ୍ସବ କଟକ ଏବଂ ପୁରୀରେ ମଧ୍ୟ ପାଳିତ ହୋଇଛି। ଏଠାରେ କମ୍ପାନୀ ପକ୍ଷରୁ ଏହାର ସେଲିଂ ଜୋନ୍ ସ୍ଥାପନ କରି ବିଭିନ୍ନ ଉତ୍ପାଦ ବିକ୍ରି କରାଯାଇଥିଲା। ବିକ୍ରିର ୧୫% ଅର୍ଥ ବିଭିନ୍ନ ଏନଜିଓକୁ ପ୍ରଦାନ କରାଯାଇଥିଲା।

କାଜରିଆର ନୂତନ ଟାଇଲ୍ କଲେକ୍ସନ୍

grès tough
80x80 cm
Digital Floor Tiles
Kajaria

ଭୁବନେଶ୍ୱର, ୧୮।୬/ଏନ୍‌ଏନ୍‌ଏସ୍ : କାଜରିଆ ସେରାମିକ୍ସ ପକ୍ଷରୁ ସେରାମିକ୍ ଟାଇଲ ଡିଭିଜନର ଦୁଇଟି ନୂତନ ପ୍ରକାର ଟାଇଲ୍ 'ଇମ୍ପ୍ରେସନ' ଏବଂ 'ଡିଜାଇନର କଲେକ୍‌ସନ'ର ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ମଲ୍ଟି ସିଟି ରୋଡ୍‌ଶୋ 'କାରାବନ' ମାଧ୍ୟମରେ ଏହାର ଶୁଭାରମ୍ଭ କରାଯାଇଛି। ୨୫ ଦିନ ମଧ୍ୟରେ ଏହି 'କାରାବନ' କିଛି ମୁଖ୍ୟ ସହର ଜମ୍ମୁ, ଲୁଧିଆନା, ଚଣ୍ଡିଗଡ, ଡେହରାଡୁନ, ବାରାଣସୀ, ପାଟ୍‌ନା, ଇନ୍ଦୋର, କୋଲକାତା, ଲକ୍ଷ୍ନୌ , ହଲଦ୍ୱାନି, କର୍ଣ୍ଣେଲ, ଶ୍ରୀନଗର, ଜୟପୁର, ଯୋଧପୁର, ରାଞ୍ଚି ଏବଂ ଭୁବନେଶ୍ୱର ଇତ୍ୟାଦିରେ ଯାତ୍ରା କରିବାର ଯୋଜନା ରହିଛି। ବର୍ତ୍ତମାନ ଆଧୁନିକ ଯୁଗରେ ଲୋକେ ଚାହୁଁଥିବା ବିଭିନ୍ନ ଡିଜାଇନର ସ୍ମାର୍ଟ, ସୁନ୍ଦର ଏବଂ ମାର୍ଜିତ ଆଭ୍ୟନ୍ତରୀଣ ଘର କିମ୍ବା ଅଫିସ୍‌ର ଆବଶ୍ୟକତାକୁ ଏହା ପୂରଣ କରିପାରିବ। ଏହି ଡିଜାଇନ ତଳ ଟାଇଲ ସହିତ ମିଶ୍ରଣ ଭାବେ ଆସୁଛି। ଏହି ଡିଜାଇନ ୩୦/୬୦ ସେମି ସାଇଜରେ ପ୍ରସ୍ତୁତ କରାଯାଇଛି ଏବଂ ଏହାର ମେଟାଲିକ ଡିଜାଇନ ନିଜର ସ୍ଥାନକୁ ସଠିକ ରଖିଥାଏ। ଏହି ପ୍ରଦର୍ଶନୀ ୨୦ ଜୁନ ପର୍ଯ୍ୟନ୍ତ ଭାରତର ବିଭିନ୍ନ ସହରରେ ଡିଲର, ଆର୍କିଟେକ୍ଟ, ଡିଜାଇନର, ବିଲ୍ଡର ଓ ଗ୍ରାହକଙ୍କ ପାଇଁ ଜାରି ରହିବ।

ଆମ ରାଜ୍ୟ

ବାଟହୁଡ଼ିଛି ଶିଶୁଶ୍ରମିକ ଆଇନ୍

ଶିଶୁ ଶ୍ରମିକ ଚିହ୍ନଟ ୫ ବର୍ଷ ଧରି ବନ୍ଦ

ରାୟଗଡ଼ା, ୧୮।୬/ଏନ୍‌ଏନ୍‌ଏସ୍: ରାୟଗଡ଼ା ଜିଲ୍ଲାରେ ବାଟ ହୁଡ଼ିଛି ଶିଶୁଶ୍ରମିକ ଆଇନ। ଶ୍ରମବିଭାଗ ଦ୍ୱାରା ବିଗତ ୫ବର୍ଷ ଧରି ରାୟଗଡ଼ା ଜିଲ୍ଲାରେ ଶିଶୁ ଶ୍ରମିକ ଚିହ୍ନଟ ହୋଇପାରି ନାହିଁ। ୨୦୧୧ର ପୁରୁଣା ହିସାବକୁ ଧରି ଶ୍ରମ ବିଭାଗ ଅଙ୍କ କଷୁଥିବା ବେଳେ ସରକାରଙ୍କ ଶିଶୁ ଶ୍ରମିକ ଉଦ୍ଧାର ଯୋଜନା ଜିଲ୍ଲାରେ ଶୂନ କହିଲେ ଚଳେ। ଫଳରେ ଅଭାବ ଅନଟନରେ ଶ୍ରମିକ ଭାବେ କାମ କରୁଥିବା ଶିଶୁଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଯୋଜନା ଏହି ଜିଲ୍ଲାରେ ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ବିପଦସଙ୍କୁଳ ଅବସ୍ଥାରେ ହଜାର ହଜାର ଶିଶୁ ମୁଠାଏ ଦାନା ପାଇଁ କାର୍ଯ୍ୟ କରୁଥିବା ଦେଖାଯାଉଛି। ଜିଲ୍ଲାରେ ଶିଶୁଶ୍ରମିକ ଚିହ୍ନଟ ସମ୍ପର୍କରେ ଜିଲ୍ଲା ଶିଶୁ ସୁରକ୍ଷା ସମିତି, ଶିଶୁ କଲ୍ୟାଣ ସମିତି ଓ ଶ୍ରମ ବିଭାଗକୁ ନେଇ ଜିଲ୍ଲାପାଳ ଗୁହାପୁନମ ତାପସ କୁମାର ଗତ ମାର୍ଚ୍ଚ ୨୧ରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଥିଲେ। ଶ୍ରମ ବିଭାଗର ମନ୍ଥର କାର୍ଯ୍ୟକୁ ନେଇ ଜିଲ୍ଲାପାଳ ଉଦ୍‌ବେଗ ପ୍ରକାଶ କରିବା ସହିତ ଆସନ୍ତା ୩ମାସ ମଧ୍ୟରେ ଶିଶୁଶ୍ରମିକ ଚିହ୍ନଟ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଅବଧି ସରିବାକୁ ବସିଥିବା ବେଳେ ଜଣେ ମଧ୍ୟ ଶିଶୁ ଶ୍ରମିକ ଚିହ୍ନଟ ହୋଇପାରିନଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ କହିବା କଥା ହେଲା ନୂତନ ସାରଣୀ ଛପାହୋଇ ଆସିଲେ ସର୍ଭେ କାମ ଆରମ୍ଭ ହେବ। ହୋଟେଲ୍‌ଠାରୁ ଆରମ୍ଭ କରି ନିର୍ମାଣ କାର୍ଯ୍ୟ ଏଭଳି କି ପଥର କ୍ୱାରୀ ଭଳି ବିପଦପୂର୍ଣ୍ଣ ସ୍ଥାନରେ ହଜାର ହଜାର ଶିଶୁ ଖଟୁଛନ୍ତି। ମାତ୍ର ଏଥିପ୍ରତି ଶ୍ରମ ବିଭାଗ ଆଖିବୁଜି ଦେଇଥିବା ପରି ଜଣାପଡୁଛି।

ଅଧାରୁ ପାଠ ଛାଡ଼ି କେତେ ଶିଶୁ ଶ୍ରମିକ ଖଟୁଛନ୍ତି ତାହା ଚିହ୍ନଟ ହୋଇପାରିନଥିବା ବେଳେ ଜିଲ୍ଲାରେ ଶିଶୁ ଶ୍ରମିକଙ୍କ ସଂଖ୍ୟା କେତେ ତାହାର ପ୍ରକୃତ ରିପୋର୍ଟ ବିଭାଗ ନିକଟରେ ନାହିଁ। ୨୦୧୧ ମସିହାରେ ଚିହ୍ନଟ ହୋଇଥିବା ପ୍ରାୟ ୧୯ହଜାର ଶିଶୁଶ୍ରମିକଙ୍କ ତାଲିକା ଶ୍ରମ ବିଭାଗ ନିକଟରେ ଉପଲବ୍ଧ ରହିଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ନୂତନ ସର୍ଭେ କରି ଶିଶୁ ଶ୍ରମିକ ଚିହ୍ନଟ ହୋଇପାରୁନଥିବା ଯୋଗୁଁ ସେମାନଙ୍କ ପାଇଁ ଆସୁଥିବା ବିଭିନ୍ନ ଯୋଜନାର ସହାୟତା ବାବଦ ଅର୍ଥ ବିନିଯୋଗ ହୋଇପାରୁନି। ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ସର୍ବଶିକ୍ଷା ଅଭିଯାନ ଅନ୍ତର୍ଗତ ବ୍ରିଜ୍‌କୋର୍ସରେ ନାମ ଲେଖାଇବା, ସେମାନଙ୍କ ପରିବାରକୁ ଘର ଯୋଗାଇଦେବା, ଆତ୍ମନିର୍ଭରଶୀଳ ହେବାପାଇଁ ଜୀବିକା ମିସନ୍ ଜରିଆରେ ସହାୟତା ପ୍ରଦାନ କରିବା ଯୋଜନା ରହିଛି। ମାତ୍ର ଏହି ଯୋଜନାରୁ ଜିଲ୍ଲା ବଞ୍ଚିତ ହୋଇଥିବା ଡିସିପିଓ ରମେଶ ନାୟକ କହିଛନ୍ତି। ଅପରପକ୍ଷରେ ଚାଇଲ୍ଡଲାଇନ୍ କିମ୍ବା ପୁଲିସ୍ ପ୍ରଶାସନ ଦାଦନ ଖଟିବାକୁ ଯାଉଥିବା ଶିଶୁଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରିବା ପରେ ମଧ୍ୟ ମୂଳ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଫଳରେ ପରିବାରକୁ ସହାୟତା ଦେବା ବାହାନାରେ ଶିଶୁମାନେ ଲୁଚିଛପି ପୁଣି ଦାଦାନ ଖଟିବାକୁ ଚାଲିଯାଉଥିବା ଦେଖିବାକୁ ମିଳିଛି। ପ୍ରଥମେ ଶିଶୁଶ୍ରମିକ ଚିହ୍ନଟ କାର୍ଯ୍ୟ ଶେଷ ପରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଗଲେ ଏହି ଯେଜନା ସଫଳ ହୋଇ ପାରିବ ବୋଲି ଡିସିପିଓ ରମେଶ ନାୟକ କହିଛନ୍ତି।

କାମରେ ଆସୁନି ଦମ୍‌କଳ କେନ୍ଦ୍ର

ପାରଳାଖେମୁଣ୍ଡି, ୧୮।୬/ଏନ୍‌ଏନ୍‌ଏସ୍: ୪ ବର୍ଷ ହେଲା ଦମକଳ କେନ୍ଦ୍ର ନିର୍ମାଣ ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଗୁମ୍ମା ବ୍ଲକ୍ ଅଧୀନ ଦମ୍‌କଳ କେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଅଗ୍ନିକାଣ୍ଡ, ନଦୀ ଓ କୂଅରେ ବୁଡ଼ିଯିବା ଭଳି ଦୁର୍ଘଟଣାରେ ଅଗ୍ନିଶମ ବାହିନୀର ଗୁରୁ ଦାୟିତ୍ୱ ରହିଛି। ମାତ୍ର ଏଠାରେ ଦମକଳ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇ ନଥିବାରୁ ଲୋକମାନଙ୍କୁ ଜରୁରୀକାଳୀନ ସ୍ଥିତିରେ ୨୫ କିମି ଦୂର ପାରଳାଖେମୁଣ୍ଡି ଦମକଳ କେନ୍ଦ୍ର ଉପରେ ନିର୍ଭର କରିବାକୁ ପଡୁଛି। କିଛି ଦିନ ପୂର୍ବେ ବଡ଼ କଳାକୋଟ ଗ୍ରାମରେ କୂଅରେ ପଡ଼ି ୩ଜଣଙ୍କ ମୃତ୍ୟୁ ହୋଇଥିଲା। ଠିକଣା ସମୟରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିଥିଲେ ହୁଏତ ୩ଜଣ ଅମୂଲ୍ୟ ଜୀବନ ବଞ୍ଚି ଯାଇଥାନ୍ତା ବୋଲି ଆଲୋଚନା ହେଉଛି। ଦମକଳ କେନ୍ଦ୍ର ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

କାଲିମେଳାରେ 'ସବ୍‌କା ସାଥ୍, ସବ୍‌କା ବିକାଶ'

କାଲିମେଳା ଷ୍ଟାଡିୟମ୍, ମାଲକାନଗିରି

ମାଲକାନଗିରି, ୧୮।୬/ଏନ୍‌ଏନ୍‌ଏସ୍: ଏନ୍‌ଡିଏ ସରକାରଙ୍କ ୩ ବର୍ଷ ପୂର୍ତ୍ତି ଅବସରରେ ମାଲକାନଗିରି ଜିଲ୍ଲାର କାଲିମେଳା ଷ୍ଟାଡିୟମ୍ ପଡ଼ିଆଠାରେ ଏନ୍‌ଟିପିସି ପକ୍ଷରୁ 'ସବ୍‌କା ସାଥ୍ ସବ୍‌କା ବିକାଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ଼ ବିଧାୟକ ତଥା ବିଜେପି ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଗତ ୩ ବର୍ଷରେ ରାଜ୍ୟରେ ୭ଟି ମେଡିକାଲ କଲେଜ ସହ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ନାଇଜର, ଆଇଆଇଟି ପ୍ରତିଷ୍ଠା ହୋଇଛି। ୨୦୧୪-୧୫ରେ ମୁଖ୍ୟମନ୍ତ୍ରୀ ରେଳ ବଜେଟରେ ୮ ଶହ କୋଟି ଟଙ୍କା ମାଗିଥିବା ବେଳେ ୧୨୬୦ କୋଟି ଟଙ୍କା ମିଳିଥିଲା। ୨୦୧୫-୧୬ରେ ୧୮୦୦ କୋଟି ମାଗିଥିବା ବେଳେ ମିଳିଥିଲା ୨୨୦୦ କୋଟି ଟଙ୍କା। ସେହିଭଳି ୨୦୧୬-୧୭ରେ ୨୫୦୦ କୋଟି ମାଗିଥିବା ବେଳେ ୩୨୦୦ କୋଟି ଟଙ୍କା କେନ୍ଦ୍ର ସରକାର ଦେଇଛନ୍ତି। ତଥାପି କେନ୍ଦ୍ର ସରକାର ଅବହେଳା କରୁଛନ୍ତି ବୋଲି ରାଜ୍ୟ ସରକାରଙ୍କ ଅଭିଯୋଗ କରୁଛନ୍ତି ବୋଲି ସେ କହିଥିଲେ। ପ୍ରତି ବ୍ଲକ୍‌ରେ ୩୫ ପ୍ରତିଶତ ଜଳସେଚନ କରିବାକୁ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପୂରଣ ହୋଇନାହିଁ ବୋଲି ସେ ଅଭିଯୋଗ କରିଥିଲେ। ପୂର୍ବତନ ସାଂସଦ ପର୍ଶୁରାମ ମାଝି, ପୂର୍ବତନ ଉପ ବାଚସ୍ପତି ପ୍ରହଲ୍ଲାଦ ଦୋରା, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ଜିଲ୍ଲା ପରିଷଦ ସଭାପତି ଦଶରଥ ପଡ଼ିଆମୀ, ଉପ ସଭାପତି ସୁଲତା ମଣ୍ଡଳ, ଜିଲ୍ଲା ସଭାପତି ଅଶୋକ କୁମାର ପରିଡା, କୋରାପୁଟ ଜିଲ୍ଲା ସଭାପତି ବିଜୟ ମିଶ୍ର, ପୂର୍ବତନ ବିଜେପି ଜିଲ୍ଲା ସଭାପତି ଆଦିତ୍ୟ ମାଡ଼ି, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଡ.କାମରାଜ କବାସୀ, ଶ୍ୟାମଲ ସୁନାନୀ, ନିମାଇଁ ପାଲ, ଜୋନ ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀ, ଆଇଓସିଏଲ୍‌ର ଡିଜିଏମ୍ ଡି ପି ଶତପଥୀ, ଡିଜିଏମ୍ ଜି ସ୍ୱାମୀନାଥନ ଓ ଏନ୍‌ଟିପିସିର ଜିଏମ୍ ଏନ୍ ଏସ୍ ରାଓ ଯୋଗ ଦେଇଥିଲେ। ଏହି ମେଳାରେ ଲୋକମାନଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଛି। ଆଇଓସିଏଲ୍ ପକ୍ଷରୁ ଜାପାନି ଜ୍ୱର ସମୟରେ ଔଷଧ ସ୍ପ୍ରେ କରିବାକୁ ୨୧ ଟି ଫଗିଙ୍ଗ ମେସିନ୍ ଜିଲ୍ଲା ପ୍ରଶାସନକୁ ଦିଆଯାଇଥିବା ବେଳେ ଆଉ ୭୯ ଟି ଅତି ଶୀଘ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବିଭିନ୍ନ ଜିଲ୍ଲାରୁ ଆସିଥିବା ସଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଜେଇଇ-ଆଡଭାନ୍ସରେ ଆଦିବାସୀ ଛାତ୍ରଙ୍କ କୃତିତ୍ୱ



ମାଲକାନଗିରି, ୧୮।୬/ଏନ୍‌ଏନ୍‌ଏସ୍: ସ୍ଥାନୀୟ ଜବାହାର ନବୋଦୟ ବିଦ୍ୟାଳୟ-୧ର ଆଦିବାସୀ ଛାତ୍ର ରାଜେନ୍ଦ୍ର ଜାଲି ଜେଇଇ-ଆଡ୍‌ଭାନ୍ସରେ ୯୧୦ ର୍‍ୟାଙ୍କ ରଖି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ ଚାଉଳାମେଦି ଗ୍ରାମର ଏକ ଗରିବ ପରିବାରରେ ଜନ୍ମିତ ରାଜେନ୍ଦ୍ର ୨୦୧୦ରେ ନବୋଦୟ ବିଦ୍ୟାଳୟରେ ନାମ ଲେଖାଇଥିଲେ। ତାଙ୍କର ଏଭଳି ସଫଳତାରେ ବିଦ୍ୟାଳୟର ଅଧକ୍ଷ, ଅଧ୍ୟାପକ, ଅଭିଭାବକମାନେ ଶୁଭେଚ୍ଛା ଜଣାଇଛନ୍ତି।

ଗଜପତି ଜିଲ୍ଲା ଜାତୀୟ ରାଜପଥ ଅଫିସ୍ ସ୍ଥାଣୁ !

ପାରଳାଖେମୁଣ୍ଡି, ୧୮।୬/ଏନ୍‌ଏନ୍‌ଏସ୍: ଗଜପତି ଜିଲ୍ଲାରେ ଜାତୀୟ ରାଜପଥର ଉନ୍ନୟନ ସକାଶେ ପ୍ରାୟ ୨ବର୍ଷ ପୂର୍ବେ ପାରଳାଖେମୁଣ୍ଡିଠାରେ ଜାତୀୟ ରାଜପଥର କାର୍ଯ୍ୟାଳୟ ସ୍ଥାପନ କରାଯାଇଛି। ଏଠାରେ ଜଣେ ନିର୍ବାହୀ ଯନ୍ତ୍ରୀଙ୍କୁ ଅବସ୍ଥାପିତ କରାଯାଇଥିବା ବେଳେ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇନଥିବାରୁ କାର୍ଯ୍ୟାଳୟ ସ୍ଥାଣୁ ଅବସ୍ଥାରେ ପଡ଼ିଥିବା ଦେଖାଯାଉଛି। କାର୍ଯ୍ୟାଳୟ ଅଧୀନରେ ୩ଗୋଟି ସବ୍‌ଡିଭିଜନ୍ ଦିଗପହଣ୍ଡି, ମୋହନା ଓ ପାରଳାଖେମୁଣ୍ଡି ରହିଛି। ପ୍ରତ୍ୟେକ ସବ୍‌ଡିଭିଜନ୍‌ରେ ତିନୋଟି ଲେଖାଏଁ ସେକ୍ସନ୍ ଅଫିସ୍ ରହିଛି। କିନ୍ତୁ ସେଠାରେ ଅଧିକାରୀ ନିଯୁକ୍ତି ହୋଇନଥିବାରୁ ତାହା କେବଳ କାଗଜ କଲମରେ ଚାଲୁ ରହିଛି। ଏହି ଡିଭିଜନ ଅଧୀନରେ ଆସିକାଠାରୁ ରାଇପଙ୍କା ଏବଂ ମୋହନାଠାରୁ ପାରଳାଖେମୁଣ୍ଡି ରାସ୍ତା ଅନ୍ତର୍ଭୁକ୍ତ। ଅଧିକାରୀ ନଥିବାରୁ ଏହି ରାସ୍ତାର ରକ୍ଷଣାବେକ୍ଷଣ ହୋଇପାରୁନଥିବା ଅଭିଯୋଗ ହେଉଛି। ତେଣୁ ଉପରୋକ୍ତ କାର୍ଯ୍ୟାଳୟରେ ଅଧିକାରୀଙ୍କୁ ନିଯୁକ୍ତି ପାଇଁ ଦାବି ହେଉଛି।

ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀକୁ ହାଣିଲା ସ୍ୱାମୀ

କୋରାପୁଟ, ୧୮।୬/ଏନ୍‌ଏନ୍‌ଏସ୍: ପରକ୍ରୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀକୁ ବୀଭତ୍ସ ଭାବେ ସ୍ୱାମୀ ହତ୍ୟା କରିଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଚମ୍ପି ଗ୍ରାମ ଆଦିବାସୀ ସାହିର ଦସରୀ କଲେକା ତାଙ୍କ ସ୍ତ୍ରୀ ଉତମେ କଲେକାଙ୍କ ଚରିତ୍ରକୁ ନେଇ ସନ୍ଦେହ କରୁଥିଲେ। ଏହି କଥାରେ ଦମ୍ପତିଙ୍କ ମଧ୍ୟରେ ସବୁବେଳେ ପାଟିତୁଣ୍ଡ ହେଉଥିଲା। ଶନିବାର ରାତିରେ ସମସ୍ତେ ଶୋଇଥିବା ବେଳେ ଦସରୀ ଏକ ଟାଙ୍ଗିଆରେ ଉତମେଙ୍କୁ ହତ୍ୟା କରିଥିଲେ। ରବିବାର ସକାଳେ ଲକ୍ଷ୍ମୀପୁର ପୁଲିସ ଅଭିଯୁକ୍ତ ଦସରୀଙ୍କୁ ଗିରଫ କରିଛି।